मन की बात 100

MANN KI BAAT 100

# ମନ୍ କୀ ବାତ୍

ଭାଗ. 7



# MANN KI BAAT
## VOL.7


**Authors**
Sarda Mohan and Tanushree Banerji

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Colourists**
Prakash Sivan and Prajeesh V. P.

**Layout Artist**
Akshay Khadilkar



**Published by**
Amar Chitra Katha Pvt. Ltd

ODIA

ISBN – 978-81-19596-91-1

Amar Chitra Katha Pvt. Ltd, November 2023



© Ministry of Culture, Govt of India, November 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.



ପ୍ରିୟ ଶିଶୁମାନେ,

ଆପଣମାନେ ଏ ଉକ୍ତିଟି ନିଶ୍ଚୟ ଶୁଣିଥିବେ ଯେ, 'ସ୍ୱାସ୍ଥ୍ୟ ହିଁ ସଂପଦ'। ବାସ୍ତବରେ, ସାରା ବିଶ୍ୱ କୋଭିଡ୍-19 ବିଶ୍ୱ ମହାମାରୀରୁ ଆରୋଗ୍ୟଲାଭ କରୁଥିବା ବେଳେ, ଆମେ ଜାଣୁ ଯେ ତାହା କେତେ ସତ। କିନ୍ତୁ, ଉତ୍ତମ ସ୍ୱାସ୍ଥ୍ୟ ଲାଗି ଉତ୍ତମ ସହଯୋଗ ଆବଶ୍ୟକ। ସେହି ସହଯୋଗ ହୁଏତ ଆପଣଙ୍କ ପରିବାରରୁ, ପଡ଼ୋଶୀଙ୍କ ପାଖରୁ, ଡାକ୍ତର, କିମ୍ବା ଏମିତି କି ଅପରିଚିତ ବ୍ୟକ୍ତିଙ୍କ ପାଖରୁ, ଯେଉଁଠାରୁ ମିଳିଲେ ବି ଆପଣଙ୍କ ଜୀବନର ମାନକୁ ବଦଳାଇ ଦେଇପାରେ।

ପିଲାଦିନେ ସଞ୍ଜନା ଗୋୟଲ ଓ ତାଙ୍କ ଭାଇ, ମାଂସପେଶୀକୁ ଦୁର୍ବଳ କରିଦେଉଥିବା 'ମସ୍କୁଲାର ଡିସଟ୍ରୋଫି' ନାମକ ଏକ ରୋଗରେ ପୀଡ଼ିତ ହୋଇଥିଲେ। ସେମାନଙ୍କ ପିତାମାତା ଏଥିପାଇଁ ଭାଗ୍ୟକୁ ନିନ୍ଦିବା ପରିବର୍ତ୍ତେ ପିଲାମାନଙ୍କୁ ସହଯୋଗ କଲେ ଏବଂ ସେମାନଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି କଲେ। ଫଳରେ, କାଳକ୍ରମେ ସଞ୍ଜନା 'ମସ୍କୁଲାର ଡିସଟ୍ରୋଫି' ରୋଗର ଚିକିତ୍ସା ନିମନ୍ତେ ଏସିଆର ବୃହତ୍ତମ ହାସପାତାଳ, 'ମାନବ ମନ୍ଦିର' ସ୍ଥାପନ କଲେ।

ନିକ୍ଷୟ ମିତ୍ର ନାମରେ ପରିଚିତ ଲୋକେ ଯକ୍ଷ୍ମା ରୋଗୀଙ୍କ ସେବା କରନ୍ତି। ଆଠ ବର୍ଷୀୟା ନଳିନୀ ସିଂହଙ୍କଠାରୁ ଆରମ୍ଭ କରି ଉତ୍ତରାଖଣ୍ଡର ଜଣେ ଗାଁ ପ୍ରଧାନଙ୍କ ପର୍ଯ୍ୟନ୍ତ, ସାଧାରଣ ଲୋକେ ଯକ୍ଷ୍ମା ରୋଗୀଙ୍କ ସହାୟତା କରି ସେମାନଙ୍କ ଜୀବନର ମାନବୃଦ୍ଧି କରୁଛନ୍ତି।



ଅନ୍ୟ ଅନେକ ଲୋକ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଛନ୍ତି।

ଏଭଳି ଲୋକଙ୍କ ମଧ୍ୟରେ ଯେଉଁ ଗୋଟିଏ ସାଧାରଣ ମନୋବୃତ୍ତି ବିଦ୍ୟମାନ, ତାହା ହେଲା ଜୀବନରେ ଦୁଃଖକଷ୍ଟ ସହିତ ସେମାନଙ୍କୁ ମିଳିଥିବା ଉପହାରକୁ ସ୍ୱୀକାର କରିବା ଏବଂ ଅନୁରୂପ ସଂକଟର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କୁ ସହଯୋଗ କରିବାର ମନୋଭାବ।

ମୋର ଏକାନ୍ତ ଇଚ୍ଛା ଯେ, ଆପଣମାନେ ନିଜ ନିଜ ଜୀବନରେ  ସମାଜର ଯେଉଁ ସହଯୋଗ ଲାଭ କରିଛନ୍ତି, ତାହା ପୁଣି ସମାଜକୁ ଫେରାଇ ଦେବାର ମନୋଭାବ ପୋଷଣ କରନ୍ତୁ।

# ସୂଚୀପତ୍ର


| | | |
|---|---|---|
| 1 | ମାନବ ମନ୍ଦିର | 3 |
| 2 | ଡିକର ସିଂହ ମେୱାଡ଼ି | 6 |
| 3 | ପୁନମ ନୌଟିୟାଲ | 9 |
| 4 | ସଂକଳ୍ପ 95 | 12 |
| 5 | ସରପଞ୍ଚ ବଲବୀର କୌର | 15 |
| 6 | ଅଜିତ ମୋହନ ଚୌଧରୀ | 18 |
| 7 | ମିଲେଟସ କାଫେ | 21 |
| 8 | ସୈଦୁଲ ଲସକର | 23 |
| 9 | ନଳିନୀ ସିଂହ | 26 |
| 10 | ଲକ୍ଷ୍ମୀକୁଟ୍ଟୀ | 28 |
| 11 | ରାମ ସୁବ୍ବା ରେଡ୍ଡୀ | 31 |

# ମାନବ ମନ୍ଦିର
















*ଏକ ପ୍ରକାର ବଂଶଗତ ରୋଗ ସମୂହ ଯେଉଁଥିରେ ଦୁର୍ବଳତା ବଢ଼େ ଏବଂ ମାଂସପେଶୀର ଅବକ୍ଷୟ ଘଟେ

^ ହିମାଚଳ ପ୍ରଦେଶରେ


ସଞ୍ଜନା ଜଣେ ଉଦ୍ୟୋଗୀ ଏବଂ ସେ MD ରୋଗ ସଂପର୍କରେ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଅନୁଭବ କଲେ
MD ରୋଗରୁ ଆରୋଗ୍ୟଲାଭ କରିହେବ ନାହିଁ କିନ୍ତୁ ଆମ ପ୍ରତି ଆମ ପରିବାରର ସହଯୋଗ ଅତ୍ୟନ୍ତ ସହାୟକ ହୋଇଛି।
ହଁ, ବିପୁଲ। MD ରୋଗ ସହିତ ସଂଗ୍ରାମରତ ଅନ୍ୟମାନେ ଏବଂ ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ଏହିଭଳି ଭାବନା ସୃଷ୍ଟି ଆବଶ୍ୟକ ବୋଲି ମୁଁ ଅନୁଭବ କରୁଛି।
କେତେକ ସମଭାବାପନ୍ନ ଲୋକଙ୍କ ସହିତ ମିଶି ସଞ୍ଜନା ଇଣ୍ଡିଆନ ଆସୋସିଏସନ ଅଫ୍ ମସ୍କୁଲାର ଡିସଟ୍ରଫି (IAMD) ନାମକ ଏକ ବେସରକାରୀ ସଂଗଠନ ସ୍ଥାପନ କଲେ
IAMD ସଦସ୍ୟଙ୍କ ଟିମ୍ ସଚେତନତା ଶିବିର ଆୟୋଜନ ଆରମ୍ଭ କଲେ, ପ୍ରଥମେ ହିମାଚଳ ପ୍ରଦେଶରେ ଏବଂ ପରେ ସାରା ଭାରତରେ।
ଅକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ଲାଗି 2004ରେ ସଞ୍ଜନା ଜାତୀୟ ପୁରସ୍କାର ଲାଭ କଲେ।
ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମ, ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ଅଦମ୍ୟ ସାହସକୁ ପ୍ରଶଂସା କଲେ।
ତା'ପରେ -
ଯଦି ଆମେ ଫିଜିଓଥେରାପି, ହାଇଡ୍ରୋଥେରାପି ଏବଂ କାଉନସେଲିଂ ସେବା ପ୍ରଦାନ କରିବା ତେବେ କେମିତି ହେବ?
ଆସନ୍ତୁ, ଆମେ ସରକାରଙ୍କୁ ଖଣ୍ଡେ ଜମି ଦେବାକୁ ଆବେଦନ କରିବା।
ଥଇଥାନ କେନ୍ଦ୍ର ଗଠନ ଲାଗି 2010ରେ ସରକାର ସେମାନଙ୍କୁ ଜମି ପ୍ରଦାନ କଲେ...
... ଏବଂ ଧୀରେ ଧୀରେ ଏହା ଉପରେ, ଗବେଷଣା, ରୋଗ ନିରୂପଣ ଏବଂ ଥଇଥାନ ସୁବିଧା ଥାଇ ମାନବ ମନ୍ଦିର ନାମକ 70 ଶଯ୍ୟାର ହାସପାତାଳ ସ୍ଥାପିତ ହେଲା।
ମୁଁ ଏହାକୁ ଏପରି ସ୍ଥାନ ଭାବରେ ଦେଖେ ଯାହାକି ଜ୍ଞାନ, ମାନସିକ ସାହଚର୍ଯ୍ୟ ଓ ସବୁପ୍ରକାରର ଚିକିତ୍ସା ପ୍ରଦାନ କରିଥାଏ!
ଏହି ହାସପାତାଳରେ MD ରୋଗ ସହ ସଂଗ୍ରାମରତ ଅନେକ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି।


ହାସପାତାଳ ପ୍ରତି ଚମତ୍କାର ପ୍ରତିକ୍ରିୟାରେ ଉତ୍ସାହିତ ହୋଇ ଏଥିରେ ବିଭିନ୍ନ ଶାରୀରିକ ଉପଚାର ...
..ଯେମିତି କି ହାଇଡ୍ରୋଥେରାପି...
...ଫିଜିଓଥେରାପି...
... ଏବଂ ଯୋଗ ପ୍ରଭୃତି ପ୍ରଦାନ କରାଗଲା।
ଏହା ସହିତ, ମାନବ ମନ୍ଦିରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଲା, ଯେଉଁଥିରେ ସଦସ୍ୟମାନେ ଗୀତ ଗାଇଲେ, ନାଚିଲେ ଏବଂ ଖେଳିଲେ ...
.. ଏବଂ ଆମୋଦପ୍ରମୋଦ ଲାଗି ପାହାଡ଼ର ତାଜା ପବନରେ ବଣଭୋଜି କରିବାକୁ ଗଲେ।
ସଞ୍ଜନା ଏବଂ ତାଙ୍କ ଟିମ୍ ସଦସ୍ୟମାନଙ୍କର ନିରଳସ ଉଦ୍ୟମ ଯୋଗୁଁ ସାମାଜିକ କୁସଂସ୍କାରର ବଳୟ ଭେଦ କରି MD ରୋଗୀମାନେ ଏକ ନୂତନ ଜୀବନକୁ ଉପଭୋଗ କଲେ।

# ଡିକର ସିଂହ ମେୱାଡ଼ି










* ଏକ ସଂକ୍ରାମକ, କିନ୍ତୁ ଚିକିତ୍ସାଯୋଗ୍ୟ ରୋଗ
^ଉତ୍ତରାଖଣ୍ଡରେ

**ମୁଖିଆ


ଯକ୍ଷ୍ମା ରୋଗ ନିରାକରଣ ପାଇଁ 2022 ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାର 'ନିକ୍ଷୟ ମିତ୍ର' ଯୋଜନା ଘୋଷଣା କଲେ।
ଭାରତରେ 25 ଲକ୍ଷ ଯକ୍ଷ୍ମା ରୋଗୀ ଅଛନ୍ତି – ବିଶ୍ୱରେ ସର୍ବାଧିକ ! 2025 ସୁଦ୍ଧା ଏହି ରୋଗର ସଂପୂର୍ଣ୍ଣ ନିବାରଣ ଅଭିଯାନ ଲାଗି ଆମେ ହାତ ମିଳାଇବା ଦରକାର।
'ନି'ର ଅର୍ଥ 'ଅନ୍ତ', ହିନ୍ଦିରେ 'କ୍ଷୟ' ମାନେ ଟିବି ବା ଯକ୍ଷ୍ମା, ଏବଂ 'ମିତ୍ର' ମାନେ ବନ୍ଧୁ।
ନିକ୍ଷୟ ମିତ୍ର ଯୋଜନାରେ, ଭାରତୀୟମାନେ ଟିବି ରୋଗୀମାନଙ୍କୁ 'ପୋଷ୍ୟ' ରୂପେ ଗ୍ରହଣ କରିପାରିବେ ଏବଂ ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ବାବଦ ଖର୍ଚ୍ଚ ବହନ କରିପାରିବେ।
ଏହି ନିକ୍ଷୟ ମିତ୍ର ଯୋଜନା ସଂପର୍କରେ ଡିକର ଜଣେ ଡାକ୍ତରଙ୍କ ପାଖରୁ ଜାଣିଲେ ଏବଂ ପୋଷ୍ୟ ରୂପେ ଗ୍ରହଣ କରାଗଲେ ତାଙ୍କ ଅଞ୍ଚଳର ଛଅ ଜଣ ଟିବି ରୋଗୀ ବିଶେଷ ଉପକୃତ ହୋଇପାରିବେ ବୋଲି ମଧ୍ୟ ସେ ସୂଚନା ଦେଲେ।
ଟିବି ରୋଗୀମାନଙ୍କୁ ଏହି ରୋଗ ସହିତ ଜଡ଼ିତ ଅନେକ ସାମାଜିକ ଲାଞ୍ଛନା ସହିବାକୁ ପଡ଼େ। ଆପଣ ସେମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ଭାବୁଛନ୍ତି କି ?
ଅବଶ୍ୟ, ସାହାଯ୍ୟ କରିବା ପାଇଁ ମୁଁ ସବୁ କିଛି କରିପାରିବି !
ଅହରହ ଲୋକଙ୍କ ସେବା ଲାଗି ଇଚ୍ଛାପୋଷଣ କରୁଥିବାରୁ ସେ ସମସ୍ତ ଛଅ ଜଣ ରୋଗୀଙ୍କୁ ପୋଷ୍ୟ ଭାବରେ ଗ୍ରହଣ କଲେ
ଆପଣଙ୍କ ସହଯୋଗ ଲାଗି ଆମେ ଚିରକୃତଜ୍ଞ, ପ୍ରଧାନ ଜୀ !
ଆପଣମାନଙ୍କ ସେବାରେ ଲାଗିପାରିଥିବାରୁ ମୁଁ ଖୁସି।


ପ୍ରତି ମାସରେ ଡିକର ରୋଗୀମାନଙ୍କୁ ସାକ୍ଷାତ କରନ୍ତି ଏବଂ ସେମାନଙ୍କୁ ଡାଲି, ଚାଉଳ, ଅଟା, ଅଣ୍ଡା ଏବଂ ତେଲ ଭଳି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦାନ କରନ୍ତି।
ଏଥିପାଇଁ ସରକାରଙ୍କ ପାଖରୁ ପ୍ରତି ମାସରେ ମିଳୁଥିବା ଅର୍ଥ ସହିତ ସେ ତାଙ୍କ ଦରମାର ଏକ ବଡ଼ ଭାଗ ଖର୍ଚ୍ଚ କରିଦିଅନ୍ତି।
ଏଭଳି ପୃଷ୍ଠପୋଷକତାରୁ, ଉତ୍ତମ ପୁଷ୍ଟିକର ଖାଦ୍ୟ ଓ ନିରବଚ୍ଛିନ୍ନ ଚିକିତ୍ସା ଯୋଗୁଁ ଛଅ ଜଣଙ୍କ ମଧ୍ୟରୁ ଚାରି ଜଣ ରୋଗୀ ପ୍ରାୟ ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲେଣି...
ନିୟମିତ ଚିକିତ୍ସା ଏବଂ ସେବାଯତ୍ନ ଯୋଗୁଁ ମୋତେ ଏବେ ଖୁବ୍ ଭଲ ଲାଗୁଛି।
... ଏବଂ ଅନ୍ୟ ଦୁଇ ଜଣ ଆରୋଗ୍ୟ ଲାଭ କରିବାକୁ ଯାଉଛନ୍ତି।
ଡିକରଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି।
ମେୱାଡ଼ି ଜୀ, ଆପଣ ଖୁବ୍ ଭଲ କାମ କରୁଛନ୍ତି ! ଆମେ ଯଦି କୌଣସି ସହାୟତା କରିପାରିବୁ, ତେବେ ଦୟାକରି କହିବେ।
ଧନ୍ୟବାଦ, ସାର୍ !
ସେ ମଧ୍ୟ ଭାରତର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି।
ଡିକର କହନ୍ତି ଯେ, ସବୁ ଗ୍ରାମବାସୀଙ୍କ ନିରନ୍ତର ସ୍ନେହ ଓ ସହଯୋଗ ପାଇଁ ସେ କୃତଜ୍ଞ
ଗାଁ ଲୋକେ ମୋ ଉପରେ ଭରସା ରଖିଛନ୍ତି ଏବଂ ମୁଁ ସେମାନଙ୍କ ଆଶା ପୂରଣ ଦିଗରେ ମୋର ଉଦ୍ୟମ ଅବ୍ୟାହତ ରଖିବି।
ସେ କେବଳ ଜଣେ ନିକ୍ଷୟ ମିତ୍ର ନୁହଁନ୍ତି, ତାଙ୍କ କାର୍ଯ୍ୟ ଜରିଆରେ ଡିକର ପ୍ରମାଣ କରିଛନ୍ତି ଯେ, ପ୍ରକୃତ ଅର୍ଥରେ ସେ ଦେଶର ଜଣେ ମିତ୍ର।

# ପୁନମ ନୌଟିୟାଲ


ନାୟାର ସାରଙ୍କ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ନିକଟରେ କାଟିଥିବା ଛୁଟିଦିନ ସଂପର୍କରେ ଆଲୋଚନା କରୁଥିଲେ।
ମୋ ପରିବାର ସ୍ୱର୍ଣ୍ଣ ମନ୍ଦିର ଦେଖିବାକୁ ଅମୃତସର ଯାଇଥିଲେ।
ମୁଁ ଟ୍ରେକିଂ କରିବାକୁ ଉତ୍ତରାଖଣ୍ଡ ଯାଇଥିଲି।
ୱା ! ତାହା ଖୁବ୍ କଷ୍ଟକର ଥିଲା ନା ?
ଆରେ ହଁ, ସେଠାକାର ପାହାଡ଼ିଆ ଅଞ୍ଚଳରେ ଏହା ଖୁବ୍ କଷ୍ଟକର। ସେଠିକା ଲୋକେ କେମିତି ଏହା କରୁଛନ୍ତି କେଜାଣି।
ସେଠାକାର ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ପୂଜା। ମୁଁ ତୁମକୁ ଉତ୍ତରାଖଣ୍ଡର ପୁନମ ନୌଟିୟାଲ ଏବଂ କୋଭିଡ୍-19 ବିଶ୍ୱ ମହାମାରୀ ସମୟରେ ତାଙ୍କ ସଂଘର୍ଷର କାହାଣୀ କହୁଛି, ଶୁଣ।
ଉତ୍ତରାଖଣ୍ଡର ବାଗେଶ୍ୱର ନିବାସୀ ପୁନମ ନୌଟିୟାଲ ଚାନି କୋରାଲି କେନ୍ଦ୍ରର ଜଣେ ସ୍ୱାସ୍ଥ୍ୟସେବା କର୍ମୀ। ତାଙ୍କ ଟିମ୍ ସହିତ ମିଶି ସେ ତାଙ୍କ ଅଞ୍ଚଳରେ ଟିକାକରଣ କାର୍ଯ୍ୟକ୍ରମରେ 100% ସଫଳତା ହାସଲ କରିପାରିଥିଲେ।
ପିଲାଦିନରୁ ହିଁ ପୁନମ ନିଜେ ନିଜକୁ ଅନୁପ୍ରେରିତ କରୁଥିଲେ।
ମୁଁ ତୁମ ଭଳି ସେନାରେ ଯୋଗ ଦେବାକୁ ଚାହେଁ, ପାପା।
ପୁନମ, ତୁମେ ଏତେ ଭଲ ପାଠ ପଢୁଛ। ତୁମେ ଜଣେ ଡାକ୍ତର କାହିଁକି ହେବ ନାହିଁ ?
ଯଦିଓ ବାପାଙ୍କ ସ୍ୱପ୍ନ ସାକାର କରିବାକୁ ପୁନମ କଠିନ ପରିଶ୍ରମ କରୁଥିଲେ -
ମୁଁ ଦୁଃଖିତ, ଝିଅ। ଆମେ ତୁମକୁ ମେଡିକାଲ କଲେଜକୁ ପଠାଇବା ଖର୍ଚ୍ଚ ତୁଲାଇ ପାରିବୁନି।
ଦୁଃଖ କରନାହିଁ, ପାପା। ଆପଣ ମୋତେ ଦେଇଥିବା ଏହି ଚମତ୍କାର ଜୀବନ ପାଇଁ ମୁଁ ଖୁବ୍ କୃତଜ୍ଞ।




*ଅକଜିଲିଆରି ନର୍ସ ମିଡୱାଇଫରି

^ଆକ୍ରେଡିଟେଡ ସୋସିଆଲ ହେଲଥ ଆକ୍ଟିଭିଷ୍ଟ


ବାସ୍ତବରେ, ଆଗକୁ ଅନେକ ସମସ୍ୟା ରହିଥିଲା। ଟିକା ଦେବା ପାଇଁ ଟିମ୍ ସଦସ୍ୟମାନଙ୍କୁ ପାହାଡ଼ିଆ ରାସ୍ତାରେ ଚାଲି ଚାଲି ଏବଂ ବେଳେବେଳେ ରାସ୍ତାରେ ଜମିଥିବା ପାଣି ଭିତର ଦେଇ ଯିବାକୁ ପଡୁଥିଲା।
ପ୍ରତିଦିନ ସେମାନେ 10 କିଲୋମିଟର ବାଟ ଚାଲି ଚାଲି ଯାଇ, ଗର୍ଭବତୀ ମହିଳା, ବୟସ୍କ ଏବଂ ବିକଳାଙ୍ଗ ବ୍ୟକ୍ତିଙ୍କୁ ସେମାନଙ୍କ ଘରେ ଟିକା ଦିଅନ୍ତି।
ସଚେତନତା ସୃଷ୍ଟିର ଆବଶ୍ୟକତା ବି ଥିଲା।
ଏହି ଟିକା ସଂପୂର୍ଣ୍ଣ ନିରାପଦ। ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ଲାଗି ଆପଣ ଏହା ନେବା ଦରକାର।
ଦୟାକରି ଆମ ଉପରେ ଭରସା ରଖନ୍ତୁ।
ଜଣେ ସ୍ୱାସ୍ଥ୍ୟସେବା କର୍ମୀ ସାଙ୍ଗକୁ ପୁନମ ଦୁଇଟି ସନ୍ତାନର ମାଆ ମଧ୍ୟ ଥିଲେ।
ମୁଁ ଘରେ ପହଞ୍ଚିବା ମାତ୍ରେ ମୋ ନିଜକୁ ସାନିଟାଇଜ୍ କରେ ଏବଂ ପିଲାମାନଙ୍କ ପାଖକୁ ଯିବା ପୂର୍ବରୁ ଲୁଗାପଟା ବଦଳାଇ ନିଏ। ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ମୁଁ ଖୁବ୍ ଚିନ୍ତିତ ଥାଏ।
ମୁଁ ବୁଝିପାରୁଛି ପୁନମ, ତୁମେ ବଡ଼ ସାହସୀ।
ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ପୁନମ ଓ ତାଙ୍କ ଟିମ୍ ଛଅ ମାସ ଭିତରେ ସେମାନଙ୍କର 100% ଟିକାକରଣ ଲକ୍ଷ୍ୟ ହାସଲ କଲେ। ସେମାନେ 1,72,000 ଲୋକଙ୍କୁ ଟିକା ଦେଇଥିଲେ।
ଆମର ଲକ୍ଷ୍ୟ ପୂରଣ କରିପାରିଥିବାରୁ ମୁଁ ଖୁବ୍ ଖୁସି ଓ ଗର୍ବିତ !
ପୁନମଙ୍କ ପ୍ରୟାସକୁ ପ୍ରଧାନ ମନ୍ତ୍ରୀ ମୋଦି ପ୍ରଶଂସା କଲେ ଏବଂ ତାଙ୍କ ରେଡିଓ ଶୋ' 'ମନ୍ କୀ ବାତ୍'ରେ ତାଙ୍କ ସାକ୍ଷାତକାର ନେଲେ।
ପୁନମ ନୌଟିୟାଲଙ୍କ ଭଳି ସ୍ୱାସ୍ଥ୍ୟସେବା କର୍ମୀମାନଙ୍କୁ ଧନ୍ୟବାଦ। ସେମାନଙ୍କ ଯୋଗୁଁ ଭାରତରେ ଟିକାକରଣର ସଫଳତା ଏତେ ଉଚ୍ଚ ହାରରେ ହାସଲ କରାଯାଇ ପାରିଲା। ସେମାନେ ହିଁ ଦେଶର ପ୍ରକୃତ ବୀରାଙ୍ଗନା !

# ସଂକଳ୍ପ ୨5




* ବଡ଼ ଭଉଣୀ













*ହିନ୍ଦୀରେ ଦୃଢ଼ ନିଷ୍ଚୟ

^ ବିହାରର ପଶ୍ଚିମ ଚମ୍ପାରନ ଜିଲ୍ଲାରେ ଏକ ଗାଁ


2020ରେ, କୋଭିଡ୍-19 ପ୍ରାଦୁର୍ଭାବ ସମୟରେ, ସଂକଳ୍ପ 95 ପକ୍ଷରୁ ସରକାରୀ ମେଡିକାଲ କଲେଜ ହସପିଟାଲକୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବା 'ପିପିଇ କିଟ୍' ଏବଂ ସାନିଟାଇଜର ଯୋଗାଇ ଦିଆଗଲା।
ପରେ, ସେହି ବର୍ଷ ବନ୍ୟାରେ ଘରଦ୍ୱାର ହରାଇଥିବା ବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବୀମାନେ ଖାଦ୍ୟ ଓ ଆଶ୍ରୟ ଦେଲେ ...
ଏହା ଆମ ପାଇଁ ଖୁବ୍ କଷ୍ଟକର ବର୍ଷ ଥିଲା। ଆପଣମାନଙ୍କ ସହାୟତା ପାଇଁ ଧନ୍ୟବାଦ।
... ଏବଂ 2021ରେ, ସେମାନେ ରୋଗୀମାନଙ୍କୁ ଅକସିଜେନ୍ ସିଲିଣ୍ଡର ଯୋଗାଇ ଦେଲେ ଏବଂ କୋଭିଡ୍-19 ସଂପର୍କିତ ସଚେତନତା ଶିବିର ଆୟୋଜନ କଲେ।
କୋଭିଡ୍-19ର ଟିକା ବାହାରିବା ପରେ, ଅନ୍ୟାନ୍ୟ ବେସରକାରୀ ସଂଗଠନ ସହିତ ମିଶି ସଂକଳ୍ପ 95 ଟିକାକରଣ ଅଭିଯାନରେ ସାମିଲ ହେଲେ।
ସେମାନଙ୍କ କାର୍ଯ୍ୟ ଯୋଗୁଁ ପ୍ରଧାନ ମନ୍ତ୍ରୀ ମୋଦି ସେମାନଙ୍କୁ ପ୍ରଶଂସା କଲେ।
ମାଗଣାରେ ଡାକ୍ତରୀ ପରୀକ୍ଷଣ ହେଉ କି ଔଷଧ ବିତରଣ, କିମ୍ବା କେବଳ ସଚେତନତା ସୃଷ୍ଟି, ସମସ୍ତଙ୍କ ପାଇଁ ସଂକଳ୍ପ 95 ଏକ ଜ୍ୱଳନ୍ତ ଉଦାହରଣ ସାଜିଛି।

# ସରପଞ୍ଚ ବଲବୀର କୌର




* ଗାଁ ମୁଖିଆ

^ ଜାମ୍ମୁର ଏକ ଗାଁ


ଯେତେବେଳେ ଗାଁ ଲୋକେ ବଲବୀର କୌରଙ୍କ ଉଦ୍ୟମ ସଂପର୍କରେ ଜାଣିଲେ -
ସରପଞ୍ଚ, ଆମେ ଆପଣଙ୍କୁ ସାହାଯ୍ୟ କରିବାକୁ ଆସିଛୁ।
ଧନ୍ୟବାଦ!
କିଛି ଦିନ ପରେ -
ଗାଁର ଅଧିକାଂଶ ରାସ୍ତାଘାଟକୁ ଆମେ ବିଶୋଧନ କରି ସାରିଥିବା ଭଳି ଲାଗୁଛି।
ପରବର୍ତ୍ତୀ କାମ ହେଲା ବାହାର ଲୋକଙ୍କୁ ଗାଁ ଭିତରକୁ ନ ପୂରାଇ ଲୋକଙ୍କୁ ସଂକ୍ରମଣରୁ ଦୂରେଇ ରଖିବା।
PANCHAYAT TREVA
ତୁରନ୍ତ ବଲବୀର କୌର ପଞ୍ଚାୟତର ଏକ ବୈଠକ ଡାକିଲେ।
ହୁଏତ ଲକଡାଉନ୍ ଘୋଷଣା କରାଯାଇପାରେ ଏବଂ ଆମ ଗାଁର ଲୋକେ ସହରରୁ ଫେରିଆସିବେ ବୋଲି ମୁଁ ଆଶା କରୁଛି। ସେମାନଙ୍କୁ ଗୋଟିଏ ସପ୍ତାହ ପାଇଁ ଅଲଗା ରଖିବା ଲାଗି ଆମକୁ ଏକ ସଙ୍ଗରୋଧ କେନ୍ଦ୍ର ଗଢ଼ିବାକୁ ପଡ଼ିବ।
ହେଲେ କେଉଁଠି? ପଞ୍ଚାୟତ ଘର ଏବଂ ଗୋଷ୍ଠୀ କେନ୍ଦ୍ରର ତ ପୁନରୁଦ୍ଧାର କାମ ଚାଲିଛି।
ଆର୍ଣ୍ଣିଆ ସେକ୍ଟରରେ ଗୋଟିଏ ଜାଗା ଅଛି. ଠିକ୍ ଆମ ଗାଁ ବାହାରେ, ତାକୁ ସଙ୍ଗରୋଧ କେନ୍ଦ୍ରରେ ପରିବର୍ତ୍ତନ କରାଯାଇ ପାରିବ।


ଅତି ଶୀଘ୍ର ପ୍ରସ୍ତୁତି କାମ ଜୋରସୋରରେ ଚାଲିଲା।
ନିଶ୍ଚିତ କରିନିଅନ୍ତୁ ଯେ, ସେଠାରେ ହାତ ଧୋଇବା ଲାଗି ପର୍ଯ୍ୟାପ୍ତ ପାଣି ଓ ସାବୁନ ଅଛି। ଘରକୁ ଫେରୁଥିବା ଲୋକଙ୍କ ପାଇଁ କମ୍ବଳ ଓ ପାଣିବୋତଲ ପ୍ରସ୍ତୁତ କରି ରଖନ୍ତୁ।
କିଛି ସପ୍ତାହ ପରେ, ଏକ 30 ଶଯ୍ୟା ବିଶିଷ୍ଟ ସଙ୍ଗରୋଧ କେନ୍ଦ୍ର ତିଆରି ହୋଇଗଲା।
ଲୋକଙ୍କ ପ୍ରଥମ ଦଳ ଯେତେବେଳେ ପହଞ୍ଚିଲା -
ଆପଣମାନଙ୍କୁ ଏଠାରେ ଗୋଟିଏ ସପ୍ତାହ କିମ୍ବା କୋଭିଡ୍ ନେଗେଟିଭ୍ ରିପୋର୍ଟ ପାଇବା ପର୍ଯ୍ୟନ୍ତ ରହିବାକୁ ପଡ଼ିବ। ଦୟାକରି ବୁଝନ୍ତୁ ଯେ, ଏହା ଆପଣମାନଙ୍କ ପରିବାରର ସୁରକ୍ଷା ପାଇଁ ଉଦ୍ଦିଷ୍ଟ।
ଗୋଟିଏ ସପ୍ତାହ ପରେ-
ଗାଁକୁ ଆସିଥିବା ସବୁ ଲୋକ ନେଗେଟିଭ୍ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ଏବେ ଆମ ଗାଁ ସୁରକ୍ଷିତ।
ତାହା ତ ଖୁବ୍ ଭଲକଥା !
ପରବର୍ତ୍ତୀ କେଇ ମାସ କାଳ ଗାଁକୁ ଆସୁଥିବା ଅନେକ ଲୋକ ସଙ୍ଗରୋଧ କେନ୍ଦ୍ରରେ ରହିଲେ ଏବଂ ନେଗେଟିଭ୍ ରିପୋର୍ଟ ପାଇବା ପରେ ଡ୍ରେୱା ଗାଁରେ ପ୍ରବେଶ କଲେ।
ଧନ୍ୟବାଦ, ସରପଞ୍ଚ ଜୀ। ଏହି ବିଶ୍ୱ ମହାମାରୀ ସମୟରେ ଆପଣ ଆମ ଗାଁକୁ ସୁରକ୍ଷିତ ରଖିଲେ।
ମୁଁ କେବଳ ମୋ କର୍ତ୍ତବ୍ୟ କରୁଥିଲି।
ସରପଞ୍ଚ ବଲବୀର କୌରଙ୍କ ଉଦ୍ୟମକୁ ପ୍ରଧାନ ମନ୍ତ୍ରୀ ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମ, 'ମନ୍ କୀ ବାତ୍'ରେ ପ୍ରଶଂସା କଲେ।

# ଅଜିତ ମୋହନ ଚୌଧରୀ




*ବରିଷ୍ଠ ଲୋକଙ୍କୁ ସମ୍ବୋଧନ ସମୟରେ ଏକ ସମ୍ମାନସୂଚକ ପଦ

^ ଭାଇ


ଏହି ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିଲେ ଅଜିତ।
ରୋଗୀ ଚିକିତ୍ସା ଏକ ମହତ୍ ବୃତ୍ତି, ହେଲେ, ଆଜିକାଲି ସ୍ୱାସ୍ଥ୍ୟ ସେବା ଏତେ ମହଙ୍ଗା ଏବଂ ବ୍ୟାବସାୟିକ ହୋଇଗଲାଣି। ସେମାନଙ୍କ ସହାୟତା ଲାଗି ମୁଁ କ'ଣ କରିପାରିବି ?
ଦିନେ -
ଆପଣ କ'ଣ କରୁଛନ୍ତି ଡାକ୍ତର ସାହେବ ?
ଯେଉଁମାନେ ହାସପାତାଳକୁ ଯାଇ ପଇସା ଖର୍ଚ୍ଚ କରିପାରିବେନି, ସେମାନଙ୍କୁ ମୁଁ ମାଗଣାରେ ଡାକ୍ତରୀ ଚିକିତ୍ସା ଦେଉଛି।
ଏଠି? ଏହି ଫୁଟପାଥ୍ ଉପରେ ?
ଏହି ରାସ୍ତାକଡ଼ କ୍ଲିନିକ୍ ସଂପର୍କରେ ଖବର ଚାରିଆଡ଼େ ବ୍ୟାପିଗଲା ଏବଂ ଅନେକ ଲୋକ ଆବଶ୍ୟକ ସେବାଯତ୍ନ ପାଇଲେ।
ତୁମ ଝିଅ କେମିତି ଅଛି, କମଳା ?
ଆଗ ଅପେକ୍ଷା ବହୁତ ଭଲ, ଡାକ୍ତର ବାବୁ। ସେ ଆଜି ସ୍କୁଲକୁ ଗଲା।
ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ, ଅଜିତ ରୋଗୀମାନଙ୍କୁ ମାଗଣାରେ ଔଷଧ ଦିଅନ୍ତି।


ତୁରନ୍ତ, ଆହୁରି ଅଧିକ ଡାକ୍ତର ତାଙ୍କ ଅଭିଯାନରେ ସାମିଲ ହେଲେ।
ମୁଁ ଏଠାରେ କେବଳ ଘଣ୍ଟାଟିଏ ରହେ, କିନ୍ତୁ ଏତେ ଅଧିକ ଲୋକଙ୍କୁ ସାହାଯ୍ୟ କରିବାରେ ମୁଁ ସକ୍ଷମ !
ସହିଦ ସୈନିକମାନଙ୍କ ପରିବାର ଲୋକଙ୍କ ସହାୟତା ଲାଗି ଅଜିତ ତାଙ୍କ ଟେବୁଲ ଉପରେ ଏକ ଦାନ ବାକସ ରଖିଲେ।
शहीद जवानो के परिवारो के लिए दान पात्र
ସେ ମଧ୍ୟ ନିରକ୍ଷରତା ଦୂରୀକରଣ ଲାଗି ଗୋଟିଏ ଏନଜିଓ* ଚଳାଉଛନ୍ତି।
ଅଜିତ ସାର, ଏବେ ମୁଁ ମୋ ପରୀକ୍ଷାରେ ପାସ୍ କରିସାରିଥିବାରୁ କିରାଣୀ ଭାବରେ କାମ କରିବାକୁ ଯୋଗ୍ୟତା ହାସଲ କରିଛି।
ତାହା ତ ଖୁବ୍ ଭଲ ଖବର !
କାନପୁରର ଲୋକମାନେ ଏହି ମହାନ ଡାକ୍ତରଙ୍କୁ ପ୍ରଶଂସା କରନ୍ତି।
ଅନ୍ୟ ଡାକ୍ତରମାନେ ବି ଡାକ୍ତର ଚୌଧରୀଙ୍କ ଭଳି ଚିନ୍ତା କରିବେ ବୋଲି ମୋର ଆଶା।
ତାଙ୍କର ଏହି ସବୁ କାର୍ଯ୍ୟକ୍ରମ ସହରର ଅଗଣିତ ଲୋକଙ୍କ ଜୀବନରେ ସହାୟକ ହୋଇଛି।

*ଅଣ-ସରକାରୀ ସଂଗଠନ

# ମିଲେଟସ କାଫେ













*ମିଳିତ ଜାତିସଂଘ

^ଛତିଶଗଡ଼ର ଏକ ସହର




*ସହରୀ ଜୀବିକା ପ୍ରତି ଅଙ୍ଗୀକାରବଦ୍ଧ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ

# ସୈଦୁଲ ଲସ୍କର




*ବଡ଼ଭାଇ


କିନ୍ତୁ ମାରୁଫାଙ୍କ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଲା।
ଭାବୀଜାନ*, ମୁଁ ନିଃଶ୍ୱାସ ନେଇପାରୁନି।
ତାଙ୍କୁ ହାସପାତାଳକୁ ନେଇଯିବା ଦରକାର।
ହାସପାତାଳରେ ପହଞ୍ଚିବା ଲାଗି ଆମକୁ ପାଖ ସହର ଯାଏ ଯିବାକୁ ହେବ। ଆଉ କୌଣସି ଉପାୟ ନାହିଁ।
ସୈଦୁଲ ଓ ତାଙ୍କ ସ୍ତ୍ରୀ, ଶମିମା, ମାରୁଫାଙ୍କୁ ହାସପାତାଳ ନେଇଗଲେ -
ତାଙ୍କୁ ଏଠାରେ ଭର୍ତ୍ତି କରାଇବା ଦରକାର। ଚିକିତ୍ସା ପାଇଁ ଆପଣଙ୍କୁ ଲକ୍ଷେ ଟଙ୍କା ଦେବାକୁ ହେବ।
ଆମେ ଏତେ ଟଙ୍କା ଦେଇପାରିବୁନି। ଆମେ କ'ଣ କରିବୁ ?
ଦୁଃଖର କଥା ଯେ, ସୈଦୁଲ ଓ ଶମିମା ବ୍ୟତିବ୍ୟସ୍ତ ହୋଇ ଟଙ୍କା ଯୋଗାଡ଼ କରିବାରେ ଲାଗିଥିବା ବେଳେ ମାତ୍ର 17 ବର୍ଷ ବୟସରେ ମାରୁଫା ପ୍ରାଣ ହରାଇଲେ।
କେବଳ ପଇସା ଅଭାବରୁ କେହି ପ୍ରାଣ ହରାଇବା ଠିକ୍ ନୁହେଁ। ମୁଁ ଏମିତି ଏକ ହାସପାତାଳ କରିବି ଯେଉଁଠି ଲୋକଙ୍କୁ ଖୁବ୍ କମ ଖର୍ଚ୍ଚରେ ଚିକିତ୍ସା ସୁବିଧା ମିଳିବ।
ତା' ପରଦିନ -
ଶମିମା, ଗରିବ ଲୋକଙ୍କ ପାଇଁ ମୁଁ ଏକ ହାସପାତାଳ ତିଆରି କରିବାକୁ ଚାହୁଁଛି, ହେଲେ ଖଣ୍ଡେ ଜମି କିଣିବା ପାଇଁ ମୋର ତିନି ଲକ୍ଷ ଟଙ୍କା ଦରକାର।
ମୋର ସବୁ ଗହଣା ନେଇ ବିକି ଦିଅ। ସେଥିରୁ ତୁମେ କାମ ଆରମ୍ଭ କରିପାରିବ।
ଏମିତି ଆରମ୍ଭ ହେଲା ସୈଦୁଲଙ୍କ ପାଣ୍ଠି ସଂଗ୍ରହ ଅଭିଯାନ।
ପରେ ସେ ତାଙ୍କ ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଲାଗି କହିଲେ।
ମ୍ୟାଡାମ୍, ଆମ ଗାଁ ପୁନରିରେ ହାସପାତାଳ କରିବା ଲାଗି ମୁଁ ଚାନ୍ଦା ସଂଗ୍ରହ କରୁଛି। ଆପଣ ଯାହା କିଛି ଦାନ ଦେବେ, ଖୁସିରେ ନେବୁ।

*ଭାଉଜ


ଏଇ ନିଅନ୍ତୁ, ବର୍ତ୍ତମାନ ପାଇଁ 100 ଟଙ୍କା ନିଅନ୍ତୁ ଏବଂ ମୋତେ ଆପଣଙ୍କ ନମ୍ବର ଦିଅନ୍ତୁ। ମୁଁ ଚାକିରି ପାଇଲେ ଆପଣଙ୍କ ସହିତ ଯୋଗାଯୋଗ କରିବି ଏବଂ ଆଉ ଅଧିକ ଦେଇପାରିବି।
ଧନ୍ୟବାଦ, ମ୍ୟାଡାମ୍ !
ଏହି ଯାତ୍ରୀ ଜଣକ ଥିଲେ 23 ବର୍ଷୀୟା ସୃଷ୍ଟି ଘୋଷ, ଯେ କି କିଛି ମାସ ପରେ ସୈଦୁଲଙ୍କୁ ତାଙ୍କ ପ୍ରଥମ ମାସର ପୂରା ଦରମା, 25,000 ଟଙ୍କା ଦେଇଥିଲେ।
ପରବର୍ତ୍ତୀ 12 ବର୍ଷ କାଳ ସୈଦୁଲ ତାଙ୍କ ଯାତ୍ରୀ, ଗାଁ ଲୋକ ଏବଂ କେତେକ ବେସରକାରୀ ସଂଗଠନ ପାଖରୁ ପାଣ୍ଠି ସଂଗ୍ରହ ଅବ୍ୟାହତ ରଖିଲେ। ଶେଷରେ, 2018ରେ ସୃଷ୍ଟିଙ୍କ ଦ୍ୱାରା ଉଦଘାଟିତ ହେଲା ମାରୁଫା ସ୍ମୃତି ୱେଲଫେୟାର ଫାଉଣ୍ଡେସନ।
କରତାଳି କରତାଳି କରତାଳି
ଏହା ବହୁତ ବଡ଼ ସମ୍ମାନର କଥା !
ଆପଣ ଆମ ପାଇଁ ମାରୁଫାର ସ୍ଥାନ ନେଇଛନ୍ତି।
ହାସପାତାଳ ନିର୍ମାଣ ଲାଗି ସୈଦୁଲ ଏ ପର୍ଯ୍ୟନ୍ତ 36 ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି।
ଏହାର ତଳମହଲା ବହିର୍ବିଭାଗ ରୋଗୀଙ୍କ ପାଇଁ ରହିବ। ପ୍ରଥମ ମହଲାରେ ରହିବ ରୋଗ ନିରୂପଣ ପରୀକ୍ଷାଗାର।
ଗୋଟିଏ କଲ୍ୟାଣକାରୀ ସଂଗଠନ ପାଖରୁ ଆମେ ଗୋଟିଏ ଏକ୍ସ-ରେ ଏବଂ EEG ମେସିନ୍ ବି ପାଇଛୁ।
ଆଶ୍ଚର୍ଯ୍ୟଜନକ କଥା ଯେ, ଏତେ ଅଧିକ ଲୋକ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି।
ତାଙ୍କ ହାସପାତାଳରେ ଆଉ ଅଧିକ ସୁବିଧା ଦେବାକୁ ସୈଦୁଲ ପାଣ୍ଠି ସଂଗ୍ରହ ଅବ୍ୟାହତ ରଖିଛନ୍ତି, କେବଳ ଗୋଟିଏ ଲକ୍ଷ୍ୟରେ -
ପୁନରି ଆଖପାଖର 100ଟି ଗାଁର ଲୋକଙ୍କୁ ଶସ୍ତାରେ ସ୍ୱାସ୍ଥ୍ୟସେବା ଦେବାକୁ ମୁଁ ଚାହେଁ।
ତାଙ୍କ ଉଦ୍ୟମକୁ ପ୍ରଧାନ ମନ୍ତ୍ରୀ ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ।

# ନଳିନୀ ସିଂହ




*ହିମାଚଳ ପ୍ରଦେଶର ଏକ ଜିଲ୍ଲା

^ ନି-ଅନ୍ତ, କ୍ଷୟ-ଟିବି, ମିତ୍ର-ବନ୍ଧୁ


.. ମୁଁ ମୋ ସରା ଗାତରେ ପଇସା ଜମା କରିଛି। ମୁଁ ଏହାକୁ ଭାଙ୍ଗି ସେମାନଙ୍କ ପାଇଁ ଖର୍ଚ୍ଚ କରିବି।
ତାଙ୍କ ବାପାଙ୍କ ସହାୟତାରେ ନଳିନୀ ଟିବି ରୋଗୀଙ୍କ ପାଇଁ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଥିବା ଏକ ବିଶେଷ 'ନିକ୍ଷୟ' କିଟ୍ କରିବାକୁ ସ୍ଥିର କଲେ।
ଏହା ଖୁବ୍ ଭଲ ଚିନ୍ତାଧାରା। ଏହା ରୋଗୀଙ୍କୁ ଖୁବ୍ ସାହାଯ୍ୟ କରିବ।
ଆସ ଯିବା, ଏହା ସେମାନଙ୍କ ମଧ୍ୟରେ ବାଣ୍ଟିବା।
ପର ସପ୍ତାହରେ, ନଳିନୀ ତାଙ୍କ ଦୟାଶୀଳ ଚିନ୍ତାଧାରା ସଂପର୍କରେ ଶ୍ରେଣୀର ଅନ୍ୟମାନଙ୍କୁ କହିଲେ -
ନଳିନୀ, ଆମ ଦୟାଶୀଳତା ପ୍ରୋଜେକ୍ଟରେ ତୁମେ ଜଣେ ତାରକା। କ'ଣ ତୁମକୁ ଏହା କରିବାକୁ ପ୍ରେରଣା ଦେଲା ?
ମୁଁ ଶକ୍ତିଶାଳୀ ହେବା ପାଇଁ ମୋ ବାପା ଓ ମାଆ ମୋତେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଦିଅନ୍ତି। ମୁଁ ସେହି ଅସୁସ୍ଥ ପିଲାମାନଙ୍କ ପାଇଁ ତାହା ହିଁ କରିବାକୁ ଚାହେଁ, ଯାହା ଫଳରେ ସେମାନେ ଟିବି କବଳରୁ ମୁକୁଳି ପାରିବେ।
ପରବର୍ତ୍ତୀ ଦୁଇ ମାସ ଧରି, ସରା ଗାତରୁ 10.000 ଟଙ୍କା ନେଇ ନିକ୍ଷୟ କିଟ୍ କରିବା ଦିଗରେ ନଳିନୀଙ୍କ ବାପା ତାଙ୍କୁ ସାହାଯ୍ୟ କଲେ।
ନଳିନୀ, ଆମେ ତୁମ ପାଇଁ ଗର୍ବିତ। ସମସ୍ତେ ଯଦି ତୁମ ଭଳି ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି, ତେବେ ସବୁ ଲୋକ ସ୍ୱାସ୍ଥ୍ୟବାନ ହେବେ ଏବଂ ଖୁସିରେ ରହିପାରିବେ।
टी.बी. हारेगा
ତାଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନ ମନ୍ତ୍ରୀ ମୋଦି ୨ ବର୍ଷୀୟା ନଳିନୀଙ୍କୁ ତାଙ୍କର ଉଦାର ଅବଦାନ ପାଇଁ ପ୍ରଶଂସା କଲେ ଏବଂ କହିଲେ, ଏହା ଭାରତକୁ ଟିବି-ମୁକ୍ତ ହେବାରେ ସାହାଯ୍ୟ କରିବ।

# ଲକ୍ଷ୍ମୀକୁଟ୍ଟୀ




* ଏକ ଗାଁର ନାଁ, ଯାହାର ଅର୍ଥ ସ୍ୱର୍ଣ୍ଣିମ ଶିଖର

^ପ୍ରସବକାଳୀନ ସହାୟତା ଲାଗି ତାଲିମପ୍ରାପ୍ତ ମହିଳା


ଦିନେ, ସେମାନେ ସ୍କୁଲକୁ ଯିବା ବାଟରେ -
ଓଃ! ଲକ୍ଷ୍ମୀ, ମୋତେ ଗୋଟିଏ ମାକଡ଼ସା କାମୁଡ଼ି ଦେଲା ! ମୁଁ ଏହାକୁ ମାରିଦେବି।
ନା, ମଥାନ ! ରୁହ, ମୁଁ କିଛି ନିମ୍ବପତ୍ର ଓ ହଳଦୀ ଖୋଜି ଆଣି କାମୁଡ଼ା କ୍ଷତ ଭଲ କରିଦେବି। ପ୍ରାର୍ଥନା କର ଏବଂ ମାକଡ଼ସାକୁ ତା ବାଟରେ ଯିବାକୁ ଦିଅ।
ଅଷ୍ଟମ ଶ୍ରେଣୀରୁ ଲକ୍ଷ୍ମୀ ସ୍କୁଲ ଛାଡ଼ିଲେ, କିନ୍ତୁ ଚେରମୂଳି ଚିକିତ୍ସା ଶିଖିବା ଅବ୍ୟାହତ ରଖିଲେ।
ତାଙ୍କୁ 16 ବର୍ଷ ହୋଇଥିବା ବେଳେ ଲକ୍ଷ୍ମୀକୁଟ୍ଟୀ ମଥାନଙ୍କୁ ବିବାହ କଲେ। ସେମାନଙ୍କର ତିନିଟି ପୁଅ ଥିଲେ- ଧରନୀଦ୍ରନ, ଲକ୍ଷ୍ମଣନ, ଏବଂ ଶିବ ପ୍ରସାଦ।
ଆମ ପୁଅମାନେ ଭଲ ଶିକ୍ଷା ପାଇବା ଉଚିତ। ସେମାନେ ଏ ଜଙ୍ଗଲରେ ସବୁଦିନ ରହିବା ଠିକ୍ ନୁହଁ।
କାନି ସଂପ୍ରଦାୟର ଚିକିତ୍ସା ପ୍ରଣାଳୀକୁ ଉଜ୍ଜୀବିତ କରି ରଖିଥିବାରୁ 1995ରେ କେରଳ ସରକାରଙ୍କ ପକ୍ଷରୁ ତାଙ୍କୁ ନାଟୁ ବୈଦ୍ୟ ରତ୍ନ ପୁରସ୍କାର ପ୍ରଦାନ କରାଗଲା।
ଆମ ସଂପ୍ରଦାୟର ଲୋକେ ଔଷଧୀୟ ବୃକ୍ଷଲତା ସଂପର୍କରେ ବହୁତ କିଛି ଜାଣନ୍ତି। ମୁଁ ଯାହା ଜାଣିଛି, ସେ ସବୁ ମୋ ମାଆ ମୋତେ ଶିଖାଇଥିଲେ ଏବଂ ମୋର ଏହି ଜ୍ଞାନ ଅନ୍ୟମାନଙ୍କୁ ଦେଇ ମୁଁ ଖୁସି।
2005ରେ, ଜଙ୍ଗଲର ମନ୍ଦିର ପାଖରେ ଲକ୍ଷ୍ମୀଙ୍କ ବଡ଼ପୁଅ ଧରନୀଦ୍ରନଙ୍କୁ ହାତୀ ଚକଟି ଦେଲା।
ଶୀଘ୍ର କର! ଚାଲ, ତାଙ୍କୁ ହାସପାତାଳ ନେଇଯିବା।
ଏହି ଘଞ୍ଚ ଜଙ୍ଗଲରେ ସାହାଯ୍ୟ ପାଇବାର କୌଣସି ବାଟ ନାହିଁ, ଲକ୍ଷ୍ମୀ।
ଧରନୀଦ୍ରନଙ୍କ ମୃତ୍ୟୁ ଘଟିଲା।
ଏହାର କିଛି ଦିନ ପରେ ସାପ କାମୁଡ଼ାରେ ଲକ୍ଷ୍ମୀ ତାଙ୍କ ସାନପୁଅ ଶିବ ପ୍ରସାଦଙ୍କୁ ହରାଇଲେ। ସେହି ରାତିରେ -
ଏତେ ବର୍ଷାରେ ଏହି ଜଙ୍ଗଲ ଭିତର ଦେଇ ଆମେ ହାସପାତାଳରେ ପହଞ୍ଚି ପାରିବା ନାହିଁ। 1952ରେ ସେମାନେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ରାସ୍ତା ତିଆରି କରିଥାଆନ୍ତେ କି!




*'ପାରମ୍ପରିକ ଜ୍ଞାନ, ଜଙ୍ଗଲ ଜ୍ଞାନ'
^ ମଲାୟାଲମ ଭାଷାରେ ଜେଜେମାଆ
** ଜଙ୍ଗଲର ଜେଜେମାଆ

# ରାମା ସୁବ୍ବା ରେଡ୍ଡୀ




* ମୁଖ୍ୟତଃ ଫଳ ଓ ପରିବା ଚାଷ ସଂପର୍କିତ କୃଷି ବିଜ୍ଞାନର ଏକ ଶାଖା




* ଜଣେ ଖାଦ୍ୟ ବିଜ୍ଞାନୀ, ଯେ କି ବାଜରାର ପାଞ୍ଚଟି ଔଷଧୀୟ ଗୁଣକୁ ଲୋକଲୋଚନକୁ ଆଣିଛନ୍ତି।



# ମନ୍ କୀ ବାତ୍

## ଭାଗ.7

ଯେ କୌଣସି ଦେଶର ସମୃଦ୍ଧି ତା'ର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। 'ମନ୍ କୀ ବାତ୍'ର ସପ୍ତମ ଭାଗରେ ଏମିତି କେତେକ କାହାଣୀ ସ୍ଥାନ ପାଇଛି, ଯେଉଁଥିରେ ସାଧାରଣ ଲୋକଙ୍କର କ୍ଷୁଦ୍ର ଉଦ୍ୟମ, ସେମାନଙ୍କ ଆଖପାଖରେ ରହୁଥିବା ଲୋକଙ୍କ ସୁସ୍ଥ ଜୀବନରେ ବିରାଟ ବଡ଼ ପରିବର୍ତ୍ତନ ଆଣିପାରିଛି।

କୋଭିଡ୍-19 ପ୍ରାଦୁର୍ଭାବ ସମୟରେ ଉତ୍ତରାଖଣ୍ଡର ଜଣେ ନର୍ସ, ପୁନମ ନୌଟିୟାଲ, ଟିକାଦାନ କେନ୍ଦ୍ରକୁ ଆସିପାରୁ ନଥିବା ଲୋକଙ୍କ ପାଖରେ ପହଞ୍ଚିବା ଫଳରେ ତାଙ୍କ ଅଞ୍ଚଳରେ ଟିକାକରଣରେ 100% ସଫଳତା ହାସଲ କଲେ।

କେରଳର କାନି ଆଦିବାସୀ ସଂପ୍ରଦାୟର ଲକ୍ଷ୍ମୀକୁଟ୍ଟୀ, ପାରମ୍ପରିକ ଔଷଧ ସଂପର୍କିତ ତାଙ୍କ ଜ୍ଞାନ ବଳରେ, ସାପ କାମୁଡ଼ାରେ ଆହତ 350ରୁ ଅଧିକ ଲୋକଙ୍କ ଜୀବନ ବଞ୍ଚାଇଲେ।

ଯକ୍ଷ୍ମା ରୋଗରେ ପୀଡ଼ିତ ଲୋକଙ୍କ ସହାୟତା ପାଇଁ ନଳିନୀ ସିଂହ ଏବଂ ଡିକର ସିଂହ ମେୱାଡ଼ି 'ନିକ୍ଷୟ ମିତ୍ର' ପାଲଟିଲେ।

ଦେଶର ବିଭିନ୍ନ ଭାଗରୁ ସଂଗୃହୀତ ଏହି ଏଗାରଟି କାହାଣୀ ଆମକୁ ସୂଚାଇ ଦିଏ ଯେ ଦାୟିତ୍ୱସଂପନ୍ନ ଭାବରେ ଗୋଟିଏ ପାଦ ଆଗକୁ ବଢ଼ାଇଲେ, ତାହା ଆମ ସମସ୍ତଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣି ପାରିବ।



₹99

www.amarchitrakatha.com
ISBN 978-81-19596-91-1